# ଅନେକ ଫୁଲର ମାଳଟିଏ



ଥରେ ବାପାଙ୍କ ସଙ୍ଗେ ରମେଶ ଦିଲ୍ଲୀ ବାହାରିଥାଏ । ସାନ ଭଉଣୀ ମିଲି ଓ ମା' ମଧ୍ୟ ତାଙ୍କ ସଙ୍ଗେ ଯାଉଥାନ୍ତି । ସେମାନେ ପୁରୀରୁ ଉତ୍କଳ ଏକ୍ସପ୍ରେସ୍ ଗାଡ଼ିରେ ଚଢ଼ିଲେ । ରମେଶ ପଚାରିଲା, "ବାପା, ଆମେ କେତେବେଳେ ଦିଲ୍ଲୀରେ ପହଞ୍ଚିବା ?"

ବାପା କହିଲେ, "ଆମେ ପଅରିଦିନ ରାତିରେ ପହଞ୍ଚିବା, ଆମକୁ ପ୍ରାୟ ଦୁଇ ଦିନ ରେଳଗାଡ଼ିରେ ବସିବାକୁ ପଡ଼ିବ ।"

ରମେଶ ରେଳଗାଡ଼ିର ଯେଉଁ ଡବାରେ ବସିଥାଏ, ସେଠାରେ କେତେ ଆଡ଼ର ଲୋକ ବସିଥାଆନ୍ତି । ପାଖରେ ବସିଥାଆନ୍ତି ଧୋତିପଞ୍ଜାବି ପିନ୍ଧା ଜଣେ ଭଦ୍ରଲୋକ ଓ ତାଙ୍କ ପରିବାର । ସେମାନଙ୍କ କଥା ରମେଶ ଓ ମିଲି ଭଲ ଭାବରେ ବୁଝି ପାରୁନଥା'ନ୍ତି ।

ରମେଶ ପଚାରିଲା, ''ବାପା, ଏମାନେ କେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି ?''

ବାପା କହିଲେ, ''ସେମାନେ ବଙ୍ଗଳା ଭାଷାରେ କଥାବାର୍ତ୍ତା ହେଉଛନ୍ତି । ତୁ ଜାଣିଥିବୁ, ପଶ୍ଚିମବଙ୍ଗ ହେଉଛି ଆମ ଓଡ଼ିଶାର ଏକ ପଡ଼ୋଶୀ ରାଜ୍ୟ । ଏମାନେ ସେହି ରାଜ୍ୟର ଅଧିବାସୀ । ଆମ ଓଡ଼ିଶାର ଲୋକମାନଙ୍କ ସହିତ ଏମାନଙ୍କର ଚାଲିଚଳନ, ଖାଦ୍ୟପେୟ ଓ ପୋଷାକ ପରିଚ୍ଛଦର ଅନେକ ମେଳ ରହିଛି ।''



ଗାଡ଼ି ଚାଲିଥାଏ । ସକାଳେ ନିଦରୁ ଉଠି ରମେଶ ଓ ମିଲି ଦେଖିଲେ, ଗାଡ଼ି ଭିତରେ ବହୁତ ନୂଆ ନୂଆ ଲୋକ । ସେମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥା'ନ୍ତି । ସେମାନଙ୍କ ଭାଷା ବୁଝି ହେଉ ନ ଥାଏ । ଅଧିକାଂଶ ଧୋତି ଓ କୁରୁତା ପିନ୍ଧିଥା'ନ୍ତି । ମୁଣ୍ଡରେ ଗାନ୍ଧିଟୋପି । ଝରକା ବାଟେ ବାହାରକୁ ଚାହିଁଲାବେଳକୁ ଗଛଗୁଡ଼ାକ ଶୁଖିଲା ଶୁଖିଲା ଦିଶୁଥାଏ । ଭୂଇଁ ଟାଙ୍ଗରା ଜଣା ପଡୁଥାଏ । ବେଳେବେଳେ ଆଖିରେ ପଡୁଥାଏ ନୂଆଣିଆ ଖପର ଛାଉଣି ଘର ।

ରମେଶ ପଚାରିଲା, ''ବାପା, ଆମ ଗାଡ଼ି ଏବେ କେଉଁ ରାଜ୍ୟ ଦେଇ ଯାଉଛି ?''

ବାପା କହିଲେ, ''ଆମେ ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟ ଭିତର ଦେଇ ଯାଉଛୁ।''

ଉପରବେଳା ଗାଡ଼ି ଯାଇ ବିଳାସପୁର ଷ୍ଟେସନରେ ଅଟକିଲା। ସେଠାରେ କିଛି ନୂଆ ଲୋକ ଗାଡ଼ିରେ ଚଢ଼ିଲେ। ବାପା କହିଲେ, ଜାଣିଲୁ ରମୁ, ଆମେ ବର୍ତ୍ତମାନ ଛତିଶଗଡ଼ ରାଜ୍ୟ ଭିତର ଦେଇ ଯାଉଛୁ । ଏ ଅଞ୍ଚଳର ଲୋକମାନଙ୍କର ଭାଷା ମଧ୍ୟ ହିନ୍ଦୀ। ଭାତ ସହିତ ରୁଟି ଖାଇବା ଏମାନଙ୍କର ଅଭ୍ୟାସ।'' ତହିଁ ଆରଦିନ ପାହାଡ଼ିଆ ଅଞ୍ଚଳ ଦେଇ ଗାଡ଼ି ଚାଲିଥାଏ । ଏତିକିବେଳେ ମିଲି ପଚାରିଲା, "ବାପା, ବର୍ତ୍ତମାନ ଆମେ କେଉଁଠି ?"




ବାପା କହିଲେ, ''ଏଇତ, ଆଗକୁ ଧଉଲପୁର ଷ୍ଟେସନ ଆସୁଛି। ଆମେ ବର୍ତ୍ତମାନ ରାଜସ୍ଥାନ ରାଜ୍ୟର ସୀମା ଭିତରେ। ଏହା ପୂର୍ବରୁ ଆମେ ମଧ୍ୟପ୍ରଦେଶ ଭିତର ଦେଇ ଆସିଲେ । ତୁମେମାନେ ଶୋଇ ପଡ଼ିଥିଲ ।''

ରମେଶ କହିଲା, ''ହଁ ବାପା, ରାଜସ୍ଥାନ କଥା ତ ଆମ ପଢ଼ା ବହିରେ ଅଛି।''

ବାପା କହିଲେ, ''ରାଜସ୍ଥାନ ଆମ ଭାରତର ଏକ ବୀରଭୂମି। ଏଠିକାର ରାଜପୁତମାନଙ୍କ ବୀରତ୍ୱ ହେଉଛି ଆମ ଭାରତର ଗୌରବ। ଏଠାରେ ତ ବହୁତ କମ୍ ବର୍ଷା ହୁଏ, ତଥାପି ଏମାନେ ପରିଶ୍ରମ କରି ଗହମ, ବାଜରା ଆଦି ଶସ୍ୟ ଫଳାନ୍ତି। ପୁରୁଷମାନଙ୍କ ମୁଣ୍ଡରେ ପଗଡ଼ି ସୁନ୍ଦର ମାନିଥାଏ।"

ଏଠାକାର ଝିଅମାନଙ୍କର ନୂଆ ପ୍ରକାରର ପୋଷାକ ଦେଖି ମିଲି ବହୁତ ଖୁସି ହୋଇଗଲା । କିଛି ସମୟ ପରେ ଦୂରରୁ ତାଜମହଲ ଦେଖାଗଲା। ରମେଶ ଆନନ୍ଦରେ ଅଧୀର ହୋଇ ପଡୁଥାଏ। ବାପା କହିଲେ, ''ଏଇ ଦେଖ ଦୂରରୁ ତାଜମହଲ ଦେଖାଯାଉଛି । ତାଜମହଲ ଆଗ୍ରା ସହରରେ ଅବସ୍ଥିତ । ଆମେ ବର୍ତ୍ତମାନ ଉତ୍ତର-ପ୍ରଦେଶ ଦେଇ ଯାଉଛୁ । ଏଠାକାର ଲୋକମାନେ ମଧ୍ୟ ହିନ୍ଦୀ କହନ୍ତି। ରୁଟି ଏମାନଙ୍କର ପ୍ରଧାନ ଖାଦ୍ୟ ।'' ମିଲି କହିଲା, "ବାପା, ଅନେକ ରାଜ୍ୟର ଲୋକେ ତ ହିନ୍ଦୀ କହୁଛନ୍ତି ।"



ବାପା କହିଲେ, "ହଁ, ଆମ ଭାରତର ସବୁଠାରୁ ବେଶୀ ଲୋକ ହିନ୍ଦୀ ଭାଷାରେ କଥାବାର୍ତ୍ତା କରନ୍ତି । ସେଇଥିପାଇଁ ପରା ହିନ୍ଦୀ ଆମର ରାଷ୍ଟ୍ରଭାଷା ।''



ମା' କହିଲେ, ''ବୁଝିଲ ପିଲାଏ, ତୁମେ ତ ଏ ପର୍ଯ୍ୟନ୍ତ ଓଡ଼ିଶାକୁ ମିଶାଇ ସାତଟି ରାଜ୍ୟ ଦେଇ ଆସିଲ । କେତେ ନୂଆ ଜାଗା, ନୂଆ ଲୋକ ଦେଖିଲ ଏବଂ ନୂଆ ଭାଷା ମଧ୍ୟ ଶୁଣିଲ । କେବଳ ଏତିକି ଭାଷା ନୁହେଁ, ଭାରତରେ ଆହୁରି ଅନେକ ଭାଷାଭାଷୀ ଲୋକ ଅଛନ୍ତି ।''

ରମେଶ କହିଲା, "ଭାରତରେ ଆଉ କି କି ଭାଷା ଅଛି ? ଆମେ ତ କେବଳ ବଙ୍ଗଳା ଓ ହିନ୍ଦୀ ଭାଷାର ଲୋକଙ୍କୁ ଭେଟିଲୁ ।"

ମାଆ କହିଲେ, ''ଉତ୍ତର ଭାରତରେ ହିନ୍ଦୀ ଭାଷାରେ କଥା କହୁଥିବା ଲୋକଙ୍କ ସଂଖ୍ୟା ଅଧିକ । ପଞ୍ଜାବର ଲୋକେ ପଞ୍ଜାବୀ ଭାଷାରେ ଏବଂ ଆସାମର ଲୋକେ ଅସମୀୟା ଭାଷାରେ କଥା କହନ୍ତି । ସେହିଭଳି ଦକ୍ଷିଣ ଭାରତରେ ଆନ୍ଧ୍ରପ୍ରଦେଶର ଲୋକେ ତେଲୁଗୁରେ, ତାମିଲନାଡୁର ଲୋକେ ତାମିଲରେ, କର୍ଣ୍ଣାଟକର ଲୋକେ କନ୍ନଡ଼ରେ, କେରଳର ଲୋକେ ମାଲୟାଲମରେ କଥାବାର୍ତ୍ତା କରୁଥିବାବେଳେ ଗୁଜୁରାଟର ଲୋକେ ଗୁଜୁରାଟୀ ଏବଂ ମହାରାଷ୍ଟ୍ରର ଲୋକେ ମରାଠୀ ଭାଷାରେ କଥା କହନ୍ତି । ଏହା ବାହାରେ ଭାରତରେ ଆହୁରି ଅନେକ ଭାଷା ପ୍ରଚଳିତ ଅଛି ।''

ରମେଶ ସବୁ ଶୁଣିସାରି କହିଲା, "ବାଃ ! ଆମ ଦେଶ ତ ଏକ ବିଚିତ୍ର ଦେଶ; ବିଭିନ୍ନ ରାଜ୍ୟରେ ବିଭିନ୍ନ ଭାଷା । ପୋଷାକପତ୍ର ମଧ୍ୟ ଭିନ୍ନଭିନ୍ନ । କିଏ ଭାତ ଖାଉଛି ତ କିଏ ରୁଟି ଖାଉଛି, କିଏ ମୁଣ୍ଡରେ ଟୋପି ପିନ୍ଧୁଛି ତ କିଏ ପଗଡ଼ି ବାନ୍ଧୁଛି ।" ବାପା କହିଲେ, "ଆମ ଭିତରେ ଭିନ୍ନତା ଅଛି ସତ; ମାତ୍ର ଆମ ସମସ୍ତଙ୍କ ମନ ଏକ, ଭାବନା ଏକ । ଆମେ ଗୋଟିଏ ମାଳରେ ଭିନ୍ନଭିନ୍ନ ପ୍ରକାରର ଅନେକ ଫୁଲ । ଆମେ ସମସ୍ତେ ଭାରତୀୟ, ଭାରତ ମାତାର ସନ୍ତାନ ଆମେ । ସେଥିପାଇଁ ପରା ବହୁ ଦିନ ତଳେ ଜଣେ କବି ହିନ୍ଦୀ ଭାଷାରେ ଗୋଟିଏ କବିତା ଲେଖିଥିଲେ; ଯାହାର ପ୍ରଥମ ଧାଡ଼ିଟି ହେଉଛି 'ସାରେ ଜାହାଁସେ ଆଚ୍ଛା, ହିନ୍ଦୁସ୍ତାଁ ହମାରା' ଏହାର ଅର୍ଥ ହେଉଛି, ସାରା ଜଗତରେ ଆମ ଭାରତ ହେଉଛି ସବୁଠାରୁ ଭଲ ।''

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | | | |
|---|---|---|---|---|---|---|
| ଅଧୀର | ଟାଙ୍ଗରା | ବୀରଭୂମି | ପାହାଡ଼ିଆ | ସୀମା | ମେଳ | ଖାଦ୍ୟପେୟ |
| ନୂଆଣିଆ | ଭିନ୍ନତା | ରାଷ୍ଟ୍ରଭାଷା | ପ୍ରଚଳିତ | ଗୌରବ | ପରିଚ୍ଛଦ | ପଅରିଦିନ |

### ଶିକ୍ଷକଙ୍କ ପାଇଁ ସୂଚନା :

- ଅନେକତା ଭିତରେ ଏକତା ଆମ ଭାରତର ବୈଶିଷ୍ଟ୍ୟ, ଏ କଥା ବୁଝାଇବେ ।
- ମାନଚିତ୍ର ଦେଖାଇ ପାଠଟି ପଢ଼ାଇବେ ।
- ହିନ୍ଦୀ ଭାରତର ରାଷ୍ଟ୍ରଭାଷା କାହିଁକି ହୋଇଛି ତା'ର ଧାରଣା ଦେବେ ।



## ଅଭ୍ୟାସ



୧. ଆସ କଥା ହେବା ।

(କ) ଭାରତର ରାଜଧାନୀର ନାମ କ'ଣ ?

(ଖ) ତୁମେ ଦିଲ୍ଲୀ ଦେଖିଛ କି ?

(ଗ) ରମେଶ ବାପାଙ୍କ ସାଙ୍ଗରେ କେଉଁଠାକୁ ଯାଇଥିଲା ?

(ଘ) କେଉଁ କେଉଁ ରାଜ୍ୟର ଲୋକମାନେ ହିନ୍ଦୀ କହନ୍ତି ?

୨. ପାଖରେ ଅଙ୍କନ କରାଯାଇଥିବା ଭାରତ ମାନଚିତ୍ରରେ ଉତ୍କଳ ଏକ୍ସପ୍ରେସ ରେଳଗାଡ଼ି କ୍ରମ ଅନୁସାରେ ଯେଉଁ ଯେଉଁ ରାଜ୍ୟ ଦେଇ ଗତି କରୁଛି ଗାର ଟାଣି ଦେଖାଅ ।

୩. ଆସ, ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ଏକାଠି ମିଶି ଆଲୋଚନା କରି ଲେଖିବା ।

(କ) ରାଜସ୍ଥାନର କେଉଁ କେଉଁ କଥା ଆମକୁ ନୂଆ ଲାଗେ ?

______________________

(ଖ) ଭାରତ ଏକ ବିଚିତ୍ର ଦେଶ ବୋଲି କାହିଁକି କୁହାଯାଏ ?

______________________

(ଗ) ହିନ୍ଦୀ ଭାଷାକୁ କାହିଁକି ଭାରତର ରାଷ୍ଟ୍ରଭାଷା କରାଯାଇଛି ?

______________________

୪. ଯେପରି ଓଡ଼ିଶାର ଭାଷା ଓଡ଼ିଆ ସେହିପରି ତଳେ ଲେଖ ।

| ରାଜ୍ୟ | ଭାଷା | ରାଜ୍ୟ | ଭାଷା |
|---|---|---|---|
| ପଶ୍ଚିମବଙ୍ଗ | ________ | ଆନ୍ଧ୍ରପ୍ରଦେଶ | ________ |
| ଝାଡ଼ଖଣ୍ଡ | ________ | ତାମିଲନାଡୁ | ________ |
| କେରଳ | ________ | ଆସାମ | ________ |
| ଗୁଜୁରାଟ | ________ | ମହାରାଷ୍ଟ୍ର | ________ |

୫. ଉପର ପ୍ରଶ୍ନରେ ଦିଆଯାଇଥିବା ରାଜ୍ୟଗୁଡ଼ିକ ବ୍ୟତୀତ ଭାରତର ଅନ୍ୟ ରାଜ୍ୟମାନଙ୍କରେ ବ୍ୟବହାର ହେଉଥିବା ଭାଷାର ଏକ ତାଲିକା କର ।

________________________________________

________________________________________

୬. ''ଆମେ ଗୋଟିଏ ମାଳରେ ଭିନ୍ନଭିନ୍ନ ପ୍ରକାରର ଅନେକ ଫୁଲ'' ଏହାକୁ ପାଞ୍ଚୋଟି ବାକ୍ୟରେ ବୁଝାଇ ଲେଖ ।

________________________________________

________________________________________

________________________________________

________________________________________

________________________________________

୭. ଆସ ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ିବା ।

ଗୌରବ, ବୀରତ୍ୱ, ସୀମା, ଟାଙ୍ଗରା, କ୍ଷେତବାଡ଼ି, ଧୂଆଁଳିଆ, ନୂଆଣିଆ ।

୮. ନିମ୍ନରେ ଭାରତର କେତେଗୁଡ଼ିଏ ରାଜ୍ୟର ନାମ ଏବଂ ସେହି ରାଜ୍ୟର ଲୋକମାନଙ୍କର ଖାଦ୍ୟ ଓ ପୋଷାକର ନାମ ଦିଆଗଲା । ରାଜ୍ୟ ସହିତ ସମ୍ପର୍କ ଥିବା ଖାଦ୍ୟ ଓ ପୋଷାକକୁ ଗାର ଟାଣି ଯୋଡ଼ ।

| | | |
|---|---|---|
| ରୁଟି | ପଶ୍ଚିମ ବଙ୍ଗ | ପଗଡି |
| ଭାତ | ଉତ୍ତର ପ୍ରଦେଶ | ଧୋତି |
| ମାଛ | ରାଜସ୍ଥାନ | କୁରୁତା |
| | ଓଡ଼ିଶା | ପାଇଜାମା |
| | ଝାଡ଼ଖଣ୍ଡ | |

## ତୁମ ପାଇଁ କାମ

୧. ତୁମ ଗାଁ'ରୁ ସବ୍‌ଡିଭିଜନ୍ ସଦର ମହକୁମାକୁ ବସ୍‌ରେ କେଉଁ କେଉଁ ସ୍ଥାନ ଦେଇ ଯିବ ଲେଖ ।